## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା,୧୮।୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା କତଡା ଦେଇଯାଇଥିବା ଜାତୀୟ ରାଜପଥଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ବାଇକ ଓ ସ୍କର୍ପିଓ ମଧ୍ୟରେ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କ ଘର କିଶୋରନଗର ଅଞ୍ଚଳରେ ହୋଇଥିବାବେଳେ ପରିଚୟ ଜଣାପଡିନାହିଁ। ପୋଲିସ କହିଛି, ସ୍କର୍ପିଓ (ଓଡି-୧୯ ଏନ୍-୨୩୪୫)ଟି ବଇଣ୍ଡା ଆଡୁ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ କତଡା ଗାଁ ଭିତରୁ ଏକ ବାଇକ୍ ରାସ୍ତାକୁ ପଳାଇଆସିବାରୁ ଦୁର୍ଘଟଣା ଘଟିଥିଲା। ପୋଲିସ ଦୁଇ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ସ୍କର୍ପିଓ ଜବତ କରିଛି।

### ଚୋରା କୋଇଲା ଟ୍ରକ୍ ଜବତ

**ତାଳଚେର,୧୮।୧(ନି.ପ୍ର.):** ବଲଣ୍ଡା ଫାଣ୍ଡି ପୋଲିସ ଗୁରୁବାର ରାତିରେ ଭରତପୁର ସିଏଚ୍‌ପି ନିକଟ କୋଇଲା ପରିବହନ ରାସ୍ତାରୁ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି୧୬ବି-୯୩୩୧) ଜବତ କରିଛି। ଉକ୍ତ ଟ୍ରକ୍‌ରେ ୨୦ଟନ ଚୋରା କୋଇଲା ଥିଲା। ଭରତପୁରରୁ କୋଇଲା ନେଇ ଆସୁଥିବା ବେଳେ ଗାଡିଟି ପୋଲିସ ହାତରେ ଧରାପଡିଥିଲା। ଚାଳକ ସଞ୍ଜିତ ଗିରିଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୬/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### ଇଭିଏମ୍‌ରେ ଭୋଟିଂ ସଚେତନତା

**ଛେଣ୍ଡିପଦା,୧୮।୧(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଦୁର୍ଗାପୁର ପଞ୍ଚାୟତ ଅଧୀନ ୧୨୩,୧୨୪ ଏବଂ ୧୨୫ ନମ୍ବର ବୁଥସ୍ତରୀୟ ଭିଭିପାଟ ଇଭିଏମ ଭୋଟିଂ ମେଶିନ ବ୍ୟବହାର ଏବଂ ଭୋଟିଂ ସିଷ୍ଟମ ସମ୍ପର୍କରେ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋଟରଙ୍କୁ ସଚେତନ କରିବା ସହ ଇଭିଏମ ମାଧ୍ୟମରେ ଭୋଟଦାନ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ପଞ୍ଚାୟତ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଜାକାନ୍ତ ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଯୋଗଦେଇଥିଲେ। ଅନ୍ୟ ପକ୍ଷରେ ବ୍ଲକ ପ୍ରଶାସନ ତଥା ନିର୍ବାଚନ ବିଭାଗ ପକ୍ଷରୁ ସମସ୍ତ ବୁଥସ୍ତରରେ ଭୋଟର ମାନଙ୍କୁ ଇଭିଏମ ମେଶିନ ମାଧ୍ୟମରେ ଭୋଟ ଦେବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ପ୍ରକାଶ।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ଛେଣ୍ଡିପଦା,୧୮।୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଜଣେ ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ପରିବାର ଲୋକେ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ବୁଲୁଥିବାବେଳେ ସମ୍ପର୍କୀୟ ଦାଦା ଚକୋଲେଟ ଦେବାର ପ୍ରଲୋଭନ ଦେଖାଇ ତାଙ୍କୁ ଡାକି ନେବା ସହ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ସେଠାରୁ ଖସି ଆସି ଘରେ ଘଟଣା ସମ୍ପର୍କରେ କହିବା ପରେ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୨୬/୧୯ରେ ଏକ ମାମଲା ରୁଜୁ ସହ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନିର୍ମଳା ଗୋଛାୟତ କହିଛନ୍ତି।

# ଉଜୁଡ଼ା ସାତକୋଶିଆର ସଜଡ଼ା ଆରମ୍ଭ

**ବନ୍ତଳା, ୧୮।୧ (ଡି.ଏନ.ଏ.)**



ଏକ ହୁଲିଡ଼ଙ୍ଗାରେ ବିପଦପୂର୍ଣ୍ଣ ଭାବେ ପର୍ଯ୍ୟଟକମାନେ ଗଣ୍ଡରେ ବୁଲୁଛନ୍ତି।

- କାହ୍ନାରୁ ଆସିବ ୨ଟି ସ୍ୱତନ୍ତ୍ର ଗାଡ଼ି
- ୫ ହାତୀ ପାଇଁ ବିଭିନ୍ନ ରାଜ୍ୟକୁ ଚିଠି
- ଖୁବ୍‌ଶୀଘ୍ର ପହଞ୍ଚିବ ୪ ବୋଟ୍

ବାଘୁଣୀ ସୁନ୍ଦରୀ ମଣିଷ ମାରିବା ପ୍ରତିବାଦରେ ହୋଇଥିବା ପୋଡ଼ାଜଳା, ହିଂସାକାଣ୍ଡ ଓ ଯୁବ ମହାବଳ ମହାବୀରର ମୃତ୍ୟୁ ପରେ ଅନୁଗୋଳ ଜିଲାର ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଏକପ୍ରକାର ଉଜୁଡ଼ି ଯାଇଛି। ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକଙ୍କ ଗହଳିରେ ଉଚ୍ଛୁଳି ଉଠୁଥିବା ଏହି ଅଭୟାରଣ୍ୟ ଚଳିତବର୍ଷ ସମ୍ପୂର୍ଣ୍ଣ ଖାଁ ଖାଁ ହୋଇଯାଇଛି। କେତେବେଳେ କେମିତି ହାତଗଣତି କେତେଜଣ ପର୍ଯ୍ୟଟକଙ୍କ ପାଦ ଏଠାରେ ପଡୁଥିଲେ ବି ସୁବିଧା ସୁଯୋଗ ନ ଥିବାରୁ ସେମାନଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ବିଶେଷକରି ସାତକୋଶିଆ ଗଣ୍ଡ ବୁଲିବାକୁ ଆସୁଥିବା ଲୋକେ ବୋଟ୍ ନ ଥିବାରୁ ବିପଦପୂର୍ଣ୍ଣ ଭାବେ ହୁଲି ଡଙ୍ଗାରେ ବୁଲିବାକୁ ବାଧ ହେଉଛନ୍ତି। ସେମାନେ ନାଉରିଆଙ୍କୁ ଅଧିକ ଟଙ୍କା ଦେବାର ପ୍ରଲୋଭନ ଦେଖାଇ ନଦୀମଧ୍ୟକୁ ଯାଉଥିବାରୁ ଦୁର୍ଘଟଣା ଆଶଙ୍କା ରହୁଛି। ତେବେ ଉଜୁଡ଼ା ସାତକୋଶିଆର ସଜଡ଼ା ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ପର୍ଯ୍ୟଟକଙ୍କ ପାଇଁ ନୂଆ ବୋଟ୍‌ର ବ୍ୟବସ୍ଥା କରାଯାଉଥିବା ବେଳେ ବ୍ୟାଘ୍ର ପ୍ରକଳ୍ପକୁ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟରୁ ୨ଟି ସ୍ୱତନ୍ତ୍ର ଗାଡ଼ି ଅଣାଯାଉଛି। ସେହିପରି ପ୍ରଶିକ୍ଷଣ ପାଇଥିବା ୫ଟି ହାତୀ ପାଇଁ ବିଭିନ୍ନ ରାଜ୍ୟକୁ ଚିଠି କରାଯାଇଥିବା ବନ ବିଭାଗ ପକ୍ଷରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୨ରେ ପୁରୁଣାକୋଟ ଥାନା ଟିକରପଡ଼ା ପଞ୍ଚାୟତ ହାତୀବାରି ଗ୍ରାମର କୈଳାସ ସାଇଅଙ୍କ ବାଘୁଣୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଟିକରପଡ଼ା ରେଞ୍ଜରେ ଲଙ୍କାକାଣ୍ଡ ଭିଆଇଥିଲେ। ରେଞ୍ଜ କାର୍ଯ୍ୟାଳୟ, ବିଟ୍ ଘର, କର୍ମଚାରୀ ଆବାସ ଘର, ବନବିଭାଗର ୪ଟି ବଙ୍ଗଳା ଓ ୬ଟି ବୋଟ୍ ପୋଡ଼ି ଦେଇଥିଲେ। ସେବେଠାରୁ ବନ ବିଭାଗ ପର୍ଯ୍ୟଟକଙ୍କ ପାଇଁ ଏହାକୁ ସଜାଡ଼ି ପାରି ନାହିଁ। ଏପରି କି ଗଣ୍ଡରେ ବୁଲିବାକୁ ଗୋଟିଏ ବି ବୋଟ୍ ନାହିଁ। ଏହା ସାତକୋଶିଆ ପର୍ଯ୍ୟଟନ ପ୍ରକଳ୍ପକୁ କ୍ଷତି ପହଞ୍ଚାଉଥିବା ବେଳେ ରାଜ୍ୟ ସରକାରଙ୍କ ରାଜସ୍ୱ ମଧ ହାନି କରୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଏବେ ବୋଟ୍ ବ୍ୟବସ୍ଥା କରାଯାଉଛି। ୪୦ ଲକ୍ଷ ଟଙ୍କାରେ ୪ଟି ବୋଟ୍ ଖୁବ୍‌ଶୀଘ୍ର ଟିକରପଡ଼ାରେ ପହଞ୍ଚିବ। ସାତକୋଶିଆ ବନଖଣ୍ଡ ତରଫରୁ ୨ଟି ଓ ବନ ବିଭାଗ ହେଡ୍ କ୍ୱାର୍ଟର୍ସରୁ ୨ଟି ବୋଟ୍ ଯୋଗାଇ ଦିଆଯିବ। ସେହିପରି ବ୍ୟାଘ୍ର ପ୍ରକଳ୍ପର ସୁରକ୍ଷା ପାଇଁ ଏନ୍‌ଟିସିଏ ଗାଇଡ ଲାଇନ ଅନୁଯାୟୀ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟରୁ ୨ଟି ସ୍ୱତନ୍ତ୍ର ଗାଡ଼ି ଅଣାଯିବ। ସାତକୋଶିଆରେ ବାଘ ସ୍ଥାନାନ୍ତର କିମ୍ବା ଅସୁସ୍ଥ ପ୍ରାଣୀଙ୍କୁ ସୁସ୍ଥ କରିବା ପାଇଁ ସେପରି କିଛି ସରଞ୍ଜାମ ନ ଥିବାରୁ ଏନ୍‌ଟିସିଏଙ୍କ ନିର୍ଦ୍ଦେଶକ୍ରମେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ଏକ ଅଟୋମେଟିକ ବାଘ ସ୍ଥାନାନ୍ତର ସୁରକ୍ଷା ଗାଡ଼ି ଅଣାଯାଉଛି। ଏଥିସହିତ ଚିକିତ୍ସା ସୁବିଧା, ଔଷଧ, ଟ୍ରାଙ୍କୁଲାଇଜର ବନ୍ଧୁକ, ଯନ୍ତ୍ରପାତି ଆଦି ଥିବା ଗାଡ଼ି ମଧ୍ୟ କାହ୍ନା ଅଭୟାରଣ୍ୟରୁ କିଣାଯାଇଛି। ଏହାଛଡ଼ା ସାତକୋଶିଆ ପ୍ରକଳ୍ପକୁ ୫ଟି ପ୍ରଶିକ୍ଷଣପ୍ରାପ୍ତ ହାତୀ ଆଣିବାକୁ ବିଭାଗ ପକ୍ଷରୁ ବିଭିନ୍ନ ରାଜ୍ୟକୁ ଚିଠି କରିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା କୁହନ୍ତି, କାହ୍ନାରୁ ସ୍ୱତନ୍ତ୍ର ଗାଡ଼ି, ଭେଟେରେନାରୀ ପାଇଁ ସ୍ୱତନ୍ତ୍ର ଯନ୍ତ୍ରପାତି, ଔଷଧ ଓ ୪ଟି ବୋଟ୍ ଅଣାଯାଉଛି। ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଜରିଆରେ ଏହାର ବ୍ୟବସ୍ଥା ହେଉଛି। ଅଧିକ ତଥ୍ୟ ଦେଇହେବ ନାହିଁ।

■ସରିଲା ଅନୁଗୋଳ ପଲ୍ଲିଶ୍ରୀ ମେଳା

# ୫ ଦିନରେ ସାଢ଼େ ୨୨ ଲକ୍ଷ ବ୍ୟବସାୟ

**ଅନୁଗୋଳ ଅଫିସ, ୧୮।୧**

ଅନୁଗୋଳ ୭ମ ଜିଲା ମହୋତ୍ସବ ଶେଷ ହୋଇଥିଲେ ବି ଓର୍‌ମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଚାଲୁ ରହିଥିଲା। ଏଥିରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଓର୍‌ମାସ ପକ୍ଷରୁ ଖୋଲାଯାଇଥିବା ଏହି ମେଳାରେ ବିଭିନ୍ନ ଅଞ୍ଚଳରୁ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଆସି ୫୨ଟି ଷ୍ଟଲରେ ସେମାନଙ୍କ ପସରା ମେଲାଇଥିଲେ। ଶୁକ୍ରବାର ଏହା ଶେଷ ହୋଇଛି। ଗତ ୫ ଦିନ ମଧ୍ୟରେ ମେଳାରେ ୨୨ ଲକ୍ଷ ୩୨ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ଅଧିକାରୀ ନିରୋଦ ଜେନା ସୂଚନା ଦେଇଛନ୍ତି।

ଏହି ମେଳାରେ ଭଳିକି ଭଳି ଘର କରଣା ସାମଗ୍ରୀ ବିକ୍ରି ହେଉଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ହାତ ତିଆରି ସାମଗ୍ରୀକୁ ଲୋକମାନେ ବେଶ୍ ପସନ୍ଦ କରିଥିଲେ। ତେବେ ଘର କରଣା ସାମଗ୍ରୀ ସାଙ୍ଗକୁ ହାତ ତିଆରି ପୋଷାକ କିଣିବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହୋଇଥିବା ଦେଖାଯାଇଥିଲା। ବ୍ରହ୍ମପୁର ଆଚାର ଷ୍ଟଲରେ ମଧ ଭିଡ଼ ଲାଗୁଥିଲା। କାଇଁଚରେ ପ୍ରସ୍ତୁତ ବିଭିନ୍ନ ଉପକରଣ ଲୋକମାନେ ଘରକୁ କିଣି ନେଇଥିଲେ। ଏଥିସହ ଉତ୍ତରପ୍ରଦେଶ, କାଶ୍ମୀରରୁ ଆସିଥିବା ଶୀତ ବସ୍ତ୍ର ବ୍ୟବସାୟୀ ଭଲ ରୋଜଗାର କରିଥିଲେ। ଶିଳ୍ପୀକାର ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବସ୍ତ୍ରରେ ହାତ ତିଆରି ପାରମ୍ପରିକ କାରୁକାର୍ଯ୍ୟ କରାଯାଇ ବିକ୍ରି କରାଯାଉଥିଲା। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଭଲ ବ୍ୟବସାୟ ହୋଇଥିବା ଶିଳ୍ପୀକାର ପକ୍ଷରୁ ପ୍ରୀତି ଧନୁକା ସୂଚନା ଦେଇଛନ୍ତି।

# ଶିଶୁକନ୍ୟା ସଚେତନତା ରଥ ଶୁଭାରମ୍ଭ



ଜିଲାପାଳ ପତାକା ଦେଖାଇ ରଥ ଶୁଭାରମ୍ଭ କରୁଛନ୍ତି।

**ଅନୁଗୋଳ ଅଫିସ, ୧୮।୧**

କନ୍ୟା ସନ୍ତାନଙ୍କ ଗୁରୁତ୍ୱ ଓ ସେମାନଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଶିଶୁ କନ୍ୟା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଆସନ୍ତା ୨୪ ତାରିଖରେ ପାଳନ ହେବାକୁଥିବା ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ ଏହି ରଥ ସପ୍ତାହବ୍ୟାପୀ ଜିଲାର ବିଭିନ୍ନ ପ୍ରାନ୍ତ ପରିକ୍ରମା କରି ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି, ଏଡିଏମ୍‌ଓ (ପରିବାର ମଙ୍ଗଳ) ଡା. ବିଶ୍ୱବିହାରୀ ମହାନ୍ତି, ଏଡିଏମ୍‌ଓ (ମେଡିକାଲ) ଡା. ଲକ୍ଷ୍ମୀନାରାୟଣ ବିଶୋଇ, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ରାକେଶ କୁମାର ସାହୁ, ବିଶ୍ୱ ରଞ୍ଜନ, ପର୍ଶୁରାମ ପଣ୍ଡାଙ୍କ ସମେତ ସେବା ଓ ଦିବ୍ୟ ନର୍ସିଂ କଲେଜର ଛାତ୍ରୀମାନେ ଉପସ୍ଥିତ ଥିଲେ।

# ବିଜୁ ଯୁବ ବାହିନୀ ପ୍ରୟାସକୁ ପ୍ରଶଂସା

**ଅନୁଗୋଳ ଅଫିସ, ୧୮।୧**

ବିଜୁ ଯୁବ ବାହିନୀ ଦ୍ୱାରା କାଙ୍ଗୁଲା-ବେନ୍ତପୁର ପଞ୍ଚାୟତ କାଙ୍ଗୁଲା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଯୁବତୀ ଓ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଉନ୍ମୋଚନ କରିବାରେ ବିଜୁ ଯୁବ ବାହିନୀର ପ୍ରୟାସକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ଅନୁଗୋଳ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ ଥିଲେ। ବିଜୁ ଯୁବ ବାହିନୀ ସଭାପତି ଚନ୍ଦନ କୁମାର ମହାରଣା, ସମ୍ପାଦିକା ବିଦ୍ୟୁତ୍‌ପ୍ରଭା ତ୍ରିପାଠୀ, କୋଷାଧ୍ୟକ୍ଷ ଆଦିତ୍ୟ କୁମାର ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା, ସହକାରୀ ଶିକ୍ଷକ ଦେବାନନ୍ଦ ସାହୁ ଓ ପୁଷ୍ପ କୁମାର ତ୍ରିପାଠୀ, ବାଦିବାହାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁନଲୁ ଶବର, ପୂର୍ବତନ ସରପଞ୍ଚ ସପ୍ନେଶ୍ୱର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ବ୍ଲକ ବିଜେଡି ସଭାପତି ନାରାୟଣ ସାହୁ, ଜିଲା ପରିଷଦ ସଭ୍ୟା ରବି ସାହୁ ଓ ସାମାଜିକ କର୍ମୀ ଅର୍ଣ୍ଣବ ସିଂହ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଭଡ଼ା ବୃଦ୍ଧି ପ୍ରତ୍ୟାହାର ଦାବି



ଦୋକାନ ଗୃହ ଭଡା ବୃଦ୍ଧିର ପ୍ରତିବାଦ କରୁଛନ୍ତି ବ୍ୟବସାୟୀମାନେ।

**ତାଳଚେର,୧୮।୧(ନି.ପ୍ର.)**

ତାଳଚେର ପୌର ପରିଷଦ ପକ୍ଷରୁ ଦୋକାନ ଗୃହର ଭଡା ବୃଦ୍ଧି କରାଯାଇଛି। ହେଲେ ଏହାର ପ୍ରତିବାଦ କରିଛନ୍ତି ବ୍ୟବସାୟୀମାନେ। ଶୁକ୍ରବାର ସେମାନେ ତାଳଚେର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ରାଣୀପାର୍କ ବସ୍‌ଷ୍ଟାଣ୍ଡରେ ଥିବା ଦୋକାନ ଘରଗୁଡିକର ଭଡା ବର୍ଗଫୁଟ ହିସାବରେ ଛାତଘର ୫ ଓ ଆଜବେଷ୍ଟସ ୪ ଟଙ୍କା ହିସାବରେ ନିଆଯାଉଥିଲା। କିନ୍ତୁ ହଠାତ ଭଡ଼ା ୩ଗୁଣ ଅର୍ଥାତ୍ ବର୍ଗଫୁଟ ପ୍ରତି ୧୫ ଟଙ୍କା କରିଦିଆ ଯାଇଛି। ଧୂଳିଧୂଆଁ ଯୋଗୁ ତାଳଚେର ବସ୍‌ଷ୍ଟାଣ୍ଡ ବିଶେଷଭାବେ ପ୍ରଭାବିତ ହେଉଛି। ଏଠାରେ ବ୍ୟବସାୟ ଠିକ୍ ଭାବେ ହେଉ ନାହିଁ। ତେଣୁ ବର୍ଦ୍ଧିତ ଭଡା ଦେବାକୁ ବ୍ୟବସାୟୀମାନେ ଅସମର୍ଥ। ଏପରିସ୍ଥଳେ ୩ଗୁଣ ଭଡାବୃଦ୍ଧି ବ୍ୟବସାୟୀଙ୍କ ପ୍ରତି ଅନ୍ୟାୟ। ଏଭଳି ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି। ଭଡାବୃଦ୍ଧିକୁ ନେଇ ମଧ ହାଟତୋଟା ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି।

# କୋଇଲା ଯୁଗ୍ମ ସଚିବଙ୍କୁ ଦାବିପତ୍ର



ବିଧାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

**ତାଳଚେର,୧୮।୧(ନି.ପ୍ର.)**

କେନ୍ଦ୍ର କୋଇଲା ଯୁଗ୍ମ ସଚିବ ତଥା ଏମ୍‌ସିଏଲ୍‌ର ନୋଡାଲ ଅଫିସର ରାଜେଶ କୁମାର ସିହ୍ନା ଦୁଇଦିନିଆ ତାଳଚେର କୋଲ୍ ଫିଲଡ୍‌ସ ଗସ୍ତରେ ଆସି ଫେରି ଯାଇଛନ୍ତି। ସିହ୍ନା ଗୁରୁବାର ରାତିରେ ଏଠାରେ ପହଞ୍ଚିଥିଲେ। ସେ କଣିହାଁ ଓପନକାଷ୍ଟ କୋଇଲା ଖଣି ପରିଦର୍ଶନ କରିଥିଲେ। ପରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀଙ୍କ ସହିତ କୋଇଲା ଉତ୍ତୋଳନ, ପରିବହନ, ସ୍ଥାନୀୟ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। କୋଇଲା ପରିବହନ ନିମନ୍ତେ ରେଳ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଅପରପକ୍ଷରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଶୁକ୍ରବାର ଯୁଗ୍ମ ସଚିବ ସିହ୍ନାଙ୍କୁ ଜଗନ୍ନାଥ ଗେଷ୍ଟ ହାଉସଠାରେ ଭେଟି ୨୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମେ ସଚିବ ସମୟ ନାହିଁ କହି ବିଧାୟକଙ୍କୁ ଭେଟିବାକୁ ମନା କରିଦେଇଥିଲେ। କିନ୍ତୁ ତାଙ୍କ ସମର୍ଥକମାନେ ନାରାବାଜି କରି ଜିଦ୍ ଧରିବାରୁ ସଚିବ ବିଧାୟକଙ୍କୁ ବୈଠକ ଗୃହକୁ ଡାକିଥିଲେ। ହେଲେ ବିଧାୟକଙ୍କ ଦାବିକୁ ଠିକ୍ ଭାବେ ନ ଶୁଣିବା, ଏପରିକି ତାଙ୍କୁ ସୌଜନ୍ୟତା ଦୃଷ୍ଟିରୁ ଅଧିକାରୀମାନେ ବସିବାକୁ ନ କହିବା ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା।

### ଆରକେଏସ ତାଳଚେର ବିଜୟୀ

**ତାଳେଚର,୧୮।୧(ନି.ପ୍ର)**

ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ଷ୍ଟାର ବଏଜ କ୍ଲବ ପକ୍ଷରୁ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଗ୍ରାମର ବରିଷ୍ଠ ନାଗରିକ ମହେଶ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅଷ୍ଟ୍ରେଲିଆର ରିସର୍ଚ୍ଚ ପର୍ସନ ଭିଞ୍ଚା ସାରମା, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ମନୋଜ କୁମାର ବେହେରା, ସମିତି ସଭ୍ୟା ସରୋଜିନୀ ବେହେରା, ଜିଲା ପରିଷଦ ସଦସ୍ୟା ମଞ୍ଜୁ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ହାଜର, ଉମେଶ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅନୁଗୋଳ ବ୍ଲକ ଡାଇମଣ୍ଡ କ୍ରିକେଟ କ୍ଲବ ସହିତ ଆରକେଏସ ତାଳଚେର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଆରକେଏସ ତାଳଚେର ବ୍ୟାଟିଂ କରି ୧୧୭ ରନ କରିଥିଲା। ଜବାବରେ ଅନୁଗୋଳ ବ୍ଲକ ଡାଇମଣ୍ଡ ୯୦ ରନ କରି ପରାସ୍ତ ହୋଇଥିଲା। ଦିପୁନ ସାହୁ, ସୁବ୍ରତ ସାହୁ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳକୁ ୨୬ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୧୩ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ଷ୍ଟାର ବଏଜ୍ କ୍ଲବ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ପିଇଓଙ୍କଠାରୁ ଲୁଟ୍

ପରଜଙ୍ଗ, ୧୮।୧(ଡି.ଏନ.ଏ.) ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ଭାଲୁମୁଣ୍ଡା- ଆଲୁଅଟରଣ ରାସ୍ତାର ଅଁଳାକଟା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି କୁମୁସୀ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଅନିରୁଦ୍ଧ ମହାଭୋଇ। ଏ ନେଇ ପରଜଙ୍ଗ ଥାନାରେ ୨ଜଣଙ୍କ ନାମରେ ଅଭିଯୋଗ ହୋଇଛି। ଅନିରୁଦ୍ଧ ଅଁଳାକଟା ଗ୍ରାମରେ ଭତ୍ତା ବାଣ୍ଟି ବାଇକ୍‌ରେ ଫେରୁଥିଲେ। ଅଁଳାକଟା ଛକ ନିକଟରେ ପ୍ରମୋଦ ସାହୁଙ୍କ ଦୁଇ ପୁଅ ଚିନ୍ତାମଣି ଏବଂ ନୀଳମଣି ତାଙ୍କୁ ଅଟକାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଏବଂ ବାପାଙ୍କ ଭତ୍ତା କାହିଁକି କରାଇଦେଉନ କହି ଧମକଚମକ ଦେଇଥିଲେ। ଏଥିସହ ଅନିରୁଦ୍ଧଙ୍କଠାରୁ ୫୦ ହଜାର ଟଙ୍କା, ମୁଦିଚେନ ଛଡ଼ାଇ ନେଇଥିଲେ। ଘଟଣା ସମ୍ପର୍କରେ ପିଇଓ ବିଡିଓଙ୍କୁ ଅବଗତ କରାଇଛନ୍ତି। ଏ ନେଇ ମାମଲା ନଂ. ୧୯/୧୯। ରୁଜୁ ହୋଇଛି। ଘଟଣାରେ କେହି ଗିରଫ ହୋଇ ନ ଥିବା ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା



ରାସୋଳ, ୧୮।୧(ଡି.ଏନ୍.ଏ.) ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତ ତେଲିଭୂଇଁରେ ଶୁକ୍ରବାର ରାଧାକୃଷ୍ଣଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପ୍ରଥମ ଦିବସରେ କଇଥବନ୍ଧରୁ କଳସଯାତ୍ରାରେ ପାଣି ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ହୋମଯଜ୍ଞ, ସୂର୍ଯ୍ୟପୂଜା, ମଣ୍ଡଳପୂଜା, ମହାସ୍ନାନ ଆଦି ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ, ଅଞ୍ଜଳି ଭଜନ ପରିବେଷଣ କରିଥିଲେ। ଶୁକ୍ରବାର ହୋମଯଜ୍ଞ, ବିଗ୍ରହ ସ୍ଥାପନ, ପୂର୍ଣ୍ଣାହୁତି ଯଥାବିଧି କରାଯାଇଛି। ଆଖପାଖ ଅଞ୍ଚଳର ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦସେବନରେ ଭାଗ ନେଇଥିଲେ। ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଗ୍ରାମବାସୀ ସହଯୋଗ କରିଥିଲେ।

### ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଭୁବନ, ୧୮।୧(ଡି.ଏନ.ଏ.) ଭୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ଅତିଥିଭାବେ ଆର୍‌ଏସ୍‌ଏସ୍ କାର୍ଯ୍ୟକାରିଣୀ ସଦସ୍ୟ ହେମନ୍ତ ଧର, ମହିଳା କଲେଜର ଅଧକ୍ଷ ଦିଲୀପ କୁମାର ଦାସ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପୋଥାଳ, ସମ୍ପାଦକ ନରେନ୍ଦ୍ର ସାହୁ, ପ୍ରଧାନଆଚାର୍ଯ୍ୟ ପ୍ୟାରୀମୋହନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ହାତୀ ଆକ୍ରମଣରେ ଗୁରୁତର

ଢେଙ୍କାନାଳ ଅଫିସ,୧୮।୧: ଢେଙ୍କାନାଳ ବନଖଣ୍ଡ ଗଦାଶିଳା ଫରେଷ୍ଟ ସେକ୍ସନ ଅଧୀନ ସୋରତ ନିକଟରେ ଶୁକ୍ରବାର ହାତୀ ଆକ୍ରମଣରେ ବିଭୂତି ଭୂଷଣ ପରିଡ଼ା (୪୦) ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟାରେ ବାବନ୍ଧ-ଗଦାଶିଳା ରାସ୍ତା ଦେଇ ବିଭୂତି ଘରକୁ ଫେରୁଥିବାବେଳେ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ପଲରୁ ଏକ ହାତୀ ବାହାରି ତାଙ୍କୁ ଆକ୍ରମଣ କରିଥିଲା।

### ଶିକ୍ଷାର୍ଥୀ ସଚେତନତା କାର୍ଯ୍ୟକ୍ରମ

ଭୁବନ, ୧୮।୧(ଡି.ଏନ.ଏ.) ଭୁବନ ଗୋଷ୍ଠୀ ସମ୍ବଳ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଏକଦିବସୀୟ ଅନ୍ତର୍ନିବେଶୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଇଓ ଶ୍ରୀହର୍ଷ ନାୟକ, ମୁଖ୍ୟବକ୍ତା ଏବିଇଓ ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ପ୍ରଶିକ୍ଷକ ଶିଶିର ସାହୁ, ସୁମିତ୍ରା ପଣ୍ଡା ଅନ୍ତର୍ନିବେଶୀ ଶିକ୍ଷାର୍ଥୀଙ୍କ ଲାଗି ରହିଥିବା ସରକାରୀ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଗୋଷ୍ଠୀସମ୍ବଳ କର୍ମକର୍ତ୍ତା କଳ୍ପନା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଏବଂ ଏନ୍‌ଏସି ଅଧୀନ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଉପସ୍ଥିତ ଥିଲେ।

## ■ଅପହୃତା ନାବାଳିକା ଉଦ୍ଧାର ଘଟଣା

# ଗଣବଳାତ୍କାର ଅଭିଯୋଗ

■୨ଦିନ ଜଙ୍ଗଲରେ ଭୋକିଲା ରଖିଥିଲେ

■ନାବାଳକ ହେଲ୍‌ପର ମାଷ୍ଟରମାଇଣ୍ଡ

■ବସ୍ ଡ୍ରାଇଭର ଗିରଫ, ଜଣେ ଫେରାର

■ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ

ପରଜଙ୍ଗ, ୧୮।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଞ୍ଚଳ ନବମ ଶ୍ରେଣୀ ଛାତ୍ରୀ ଅପହରଣ ମାମଲା ଭିନ୍ନ ମୋଡ଼ନେଇଛି। ଅପହର୍ତ୍ତାମାନେ ନାବାଳିକାଙ୍କୁ ଜଙ୍ଗଲରେ ରଖି ୨ଦିନ ଧରି ଗଣବଳାତ୍କାର କରିଥିବା ସେ ଅଭିଯୋଗ ଆଣିଛନ୍ତି। ଶୁକ୍ରବାର ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ପରେ ପଦାକୁ ଆସିଛି ଏପରି ସ୍ପର୍ଶକାତର ଘଟଣା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ମହାବିରୋଡ଼ ଫାଣ୍ଡି ଟମ୍ପେଇ ଗ୍ରାମର ଡ୍ରାଇଭର ଅକ୍ଷୟ ନାଏକଙ୍କୁ ପୋଲିସ ଗିରଫ କରିଛି। ଅପହରଣ ଘଟଣାର ମାଷ୍ଟରମାଇଣ୍ଡ ଜଣେ ନାବାଳକ ହୋଇଥିବାରୁ ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ତାଙ୍କ ଘର କଙ୍କଡ଼ାହାଡ଼ ବ୍ଲକରେ। ଘଟଣାର ତଦନ୍ତ ଜାରି ରହିଛି। ଫେରାର ଥିବା ଅନ୍ୟଜଣେ ଅଭିଯୁକ୍ତ ଶୀଘ୍ର ଧରାପଡ଼ିବେ ବୋଲି ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ଅନୁଯାୟୀ, ଡିସେମ୍ବର ୨୯ରେ ଛାତ୍ରୀ ଜଣକ ବସ୍‌ରେ ଯାଉଥିବାବେଳେ ପରିସ୍ରା ଲାଗିବାରୁ ରାସ୍ତାରେ ଓହ୍ଲାଇଥିଲେ। ଏହି ସମୟରେ ଗାଡ଼ି ତାଙ୍କୁ ଛାଡ଼ି ପଳାଇଥିଲା। ପରେ ଉକ୍ତ ବସ୍‌ର ହେଲ୍‌ପର ବାଇକ୍‌ରେ ଆସି ଛାତ୍ରୀଜଣଙ୍କୁ ଗାଡ଼ିରେ ବସାଇଦେବାକୁ କହି ଆଶ୍ରମ ସ୍କୁଲ ନିକଟକୁ ନେଇଯାଇଥିଲେ। ସେଠାରୁ ଫୋନ୍ କରି ଅନ୍ୟଜଣେ ସହଯୋଗୀଙ୍କୁ ଡାକିଥିଲେ। ଦୁହେଁ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇଯାଇଥିଲେ। ସନ୍ଧ୍ୟାରେ ସେଠାରେ ବସ୍ ଡ୍ରାଇଭର ପହଞ୍ଚିବା ପରେ ସମ୍ପୃକ୍ତ ୩ ଅଭିଯୁକ୍ତ ବଳାତ୍କାର କରିଥିଲେ। ୩୧ ତାରିଖ ସକାଳେ ହାତ, ଆଖି ଓ ପାଟି ବାନ୍ଧି ଡଙ୍ଗାପାଳ ହାଇସ୍କୁଲ ନିକଟରେ ଛାଡ଼ିଦେଇଥିଲେ। ଘଟଣା ପ୍ରଘଟ କଲେ ଜୀବନରୁ ମାରିଦେବାକୁ ଧମକ ଦେଇ ପୀଡ଼ିତାଙ୍କ ହାତ ଖୋଲି ଫେରାର ହୋଇଯାଇଥିଲେ। ଭୟଭୀତ ଅବସ୍ଥାରେ ଛାତ୍ରୀ ଜଣଙ୍କ ନିଜ ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ। ସୂଚନାପାଇ ଜାନୁୟାରୀ ୧୫ରେ ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏପରି ଘଟଣା ପରେ ଲୋକଲଜ୍ଜା ଭୟରେ ପୀଡ଼ିତା ସ୍କୁଲ ଯିବା ବନ୍ଦ କରିଦେଇଥିଲେ। ଏହାର କାରଣ ପଚାରିବାରୁ ସେ ପରିବାର ଲୋକଙ୍କ ଆଗରେ ସମସ୍ତ ଘଟଣା କହିଥିଲେ। ପୋଲିସ ସୂଚନା ପାଇ ତାଙ୍କୁ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତ ପରେ ନାବାଳକ ଏବଂ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖିଥିଲା। ଏ ନେଇ ନଂ. ୧୦/୧୯, ଦଫା ୩୭୬ (ଡି), ୩୬୩, ୩୪୧, ୩୪୨, ୩୬୬, ୫୦୬,୩୪, ୬ ପୋକ୍ସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ, ଛାତ୍ରୀ ଅପହରଣ ନେଇ ପରିବାର ପକ୍ଷରୁ ୨୯ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

### ଜଣାଇଲେ ସରକାରୀ ଯୋଜନା

ଭାପୁର, ୧୮।୧(ଡି.ଏନ୍.ଏ.)

ଢେଙ୍କାନାଳ ସଦର ବ୍ଲକ କାକୁଡ଼ିଭାଗ ପଞ୍ଚାୟତ ପକ୍ଷରୁ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ଶୁକ୍ରବାର ପିଠା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସରପଞ୍ଚ ଅନ୍ତର୍ଯାମୀ ସାହୁ, ଜିଲା ପରିଷଦ ସଭ୍ୟା ଅର୍ଚ୍ଚନା ସାହୁ, ସମିତିସଭ୍ୟା ପ୍ରୀତିମଞ୍ଜରୀ ସାହୁ, ନିର୍ବାହୀ ଅଧିକାରୀ କମଳିନୀ ଦେହୁରୀ, କନିଷ୍ଠ ଯନ୍ତ୍ରୀ ନିବେଦିତା ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ପାଲା, ସଂକୀର୍ତ୍ତନ ମାଧ୍ୟମରେ ଏଥିସହ 'କାଳିଆ' ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ୬୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇଥିଲେ। ଏହି ଅବସରରେ ୧୫ଜଣ ବୟସ୍କ ଏବଂ ୫ଜଣ ଛାତ୍ରୀଛାତ୍ରଙ୍କୁ ସୁନେତ୍ର ଯୋଜନାରେ ଚଷମା ବଣ୍ଟାଯାଇଥିଲା। ଏଥିସହ ନିର୍ମାଣ ଶ୍ରମିକଙ୍କ ଝିଅ ବିବାହ ଲାଗି ୪ଜଣଙ୍କୁ ୨୫ ହଜାର ଲେଖାଏ ସହାୟତା ଦିଆଯାଇଛି। ସେହିପରି ୧୧୦ ହିତାଧିକାରୀଙ୍କୁ ୪ଟି ଲେଖାଏ ଏଲ୍‌ଇଡି ବଲ୍‌ବ ପ୍ରଦାନ କରାଯାଇଛି।

## ■ମିଳିଲାନି ପ୍ରାପ୍ୟ, ସଫେଇ ବନ୍ଦ

# କୁଢ଼କୁଢ଼ ଅଳିଆ, ଦୁର୍ଗନ୍ଧରେ ନାକ ଫାଟୁଛି



ସହରରେ ଅଳିଆ ପଡ଼ିରହିଛି।

ଢେଙ୍କାନାଳ ଅଫିସ, ୧୮।୧

ପ୍ରାପ୍ୟଦାବି କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଢେଙ୍କାନାଳ ପୌରସଂସ୍ଥାରେ କାର୍ଯ୍ୟରତ ସଫେଇ କର୍ମଚାରୀ। ଶୁକ୍ରବାର ଝାଡୁ ବୁଲି ନ ଥିବାରୁ ସହରସାରା କୁଢ଼କୁଢ଼ ଆବର୍ଜନାରେ ଭର୍ତ୍ତି ହୋଇଛି। ଦୁର୍ଗନ୍ଧରେ ନାକ ଫାଟୁଛି।

ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ସୂଚନା ଅନୁଯାୟୀ, ସହରର ଅଧିକାଂଶ ୱାର୍ଡ ସଫେଇ ଘରୋଇ ସଂସ୍ଥା ଦ୍ୱାରା କରାଯାଉଛି। ଏଥିରେ ୧୩୮ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗତମାସର ପ୍ରାପ୍ୟ ନ ମିଳିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପ୍ରାପ୍ୟ ଦିଆ ନ ଯିବାରୁ ଶୁକ୍ରବାର ସଫେଇ ବନ୍ଦ କରି ପ୍ରତିବାଦ କରିଛନ୍ତି କର୍ମଚାରୀ।

ଏହାର ପ୍ରଭାବରେ ସହରର ପରିମଳ ବିଗିଡ଼ିଯାଇଛି। ବିଭିନ୍ନ ୱାର୍ଡରେ ଥିବା ଡଷ୍ଟବିନ୍ ଆବର୍ଜନରେ ଭର୍ତ୍ତି ହୋଇରହିଛି। ଘଟଣାକୁ ପୌରସଂସ୍ଥା ଅତ୍ୟନ୍ତ ହାଲକା ଭାବେ ନେଉଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ କୁହନ୍ତି, ସଫେଇ କର୍ମଚାରୀଙ୍କୁ ପ୍ରାପ୍ୟ ମିଳି ନ ଥିବାରୁ ସେମାନେ ସଫେଇ କାର୍ଯ୍ୟ ବନ୍ଦ ରଖିଥିଲେ। ଘରୋଇ ସଂସ୍ଥା ଠିକ୍ ସମୟରେ ବିଲ୍ ପୈଠ କରୁ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା ସରିଛି। ଖୁବ୍ ଶୀଘ୍ର ସେମାନଙ୍କ ପ୍ରାପ୍ୟ ମିଳିବ । ଶନିବାରଠାରୁ ନିୟମିତ ସଫେଇ ହେବ ବୋଲି ସେ ସୂଚନା ଦେଇଛନ୍ତି ।

# ୟୁଥ୍ ପାର୍ଲାମେଣ୍ଟର ଚୟନ ପ୍ରକ୍ରିୟା



କାର୍ଯ୍ୟକ୍ରମରେ ଜଣେ ଅଂଶଗ୍ରହଣ କରିଥିବା ଜଣେ ଛାତ୍ରୀ।

ଢେଙ୍କାନାଳ ଅଫିସ, ୧୮।୧

ଢେଙ୍କାନାଳ ସ୍ୱୟଂଶାସିତ କଲେଜରେ ଗୁରୁବାରଠାରୁ ଜିଲାସ୍ତରୀୟ ୟୁଥ୍ ପାର୍ଲାମେଣ୍ଟ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର ଏହାର ଶୁଭାରମ୍ଭ କରିଥିଲେ। ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ର, ନେହେରୁ ଯୁବକେନ୍ଦ୍ର ଏବଂ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଦୁର୍ନୀତିର ମୂଳୋତ୍ପାଟନ, ସାମାଜିକ ଓ ଅର୍ଥନୈତିକ ସଶକ୍ତୀକରଣ, ନାରୀ ସଶକ୍ତୀକରଣ ବିଷୟରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଦିବସ ସୁଦ୍ଧା ୧୫୦ ଯୁବତୀଯୁବକ ଚୟନ ପ୍ରକ୍ରିୟାରେ ଭାଗ ନେଲେଣି। ଏହା ୧୯ ତାରିଖ ଯାଏ ଚାଲିବ। ସେହିପରି ୨୦ ତାରିଖ ଯାଏ ଡିଜିଟାଲ ସ୍କ୍ରିନିଂ କାର୍ଯ୍ୟକ୍ରମ କରାଯିବ। ୧୫୦ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ଆସନ୍ତା ୨୮ ତାରିଖରେ ଢେଙ୍କାନାଳ ସ୍ୱୟଂଶାସିତ କଲେଜରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସେମାନଙ୍କୁ ସୁଯୋଗ ମିଳିବ।

ଓଡ଼ିଆ ବିଭାଗର ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା, ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ସାରଦା ପ୍ରସନ୍ନ ପତି, ଇତିହାସ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ପରିଡ଼ା, ରାଜନୀତି ବିଜ୍ଞାନ ଅଧ୍ୟାପକ ଗୋପୀନାଥ ଦାସ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ଦେବାଶିଷ ମହାନ୍ତି, ରଜନୀକାନ୍ତ ଖୁଣ୍ଟିଆ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ଦେବରାଜ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ୧୧ ପେନ୍‌ସନ ଅଭିଯୋଗ ଶୁଣାଣି

ଢେଙ୍କାନାଳ ଅଫିସ, ୧୮।୧

ଢେଙ୍କାନାଳରେ ପ୍ରସ୍ତାବିତ ପେନ୍‌ସନ ଅଦାଲତ ଲାଗି ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପେନ୍‌ସନ୍ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଭୂୟାଁ ଯୋଗଦେଇଥିଲେ। ଜିଲାର ୨୯୩ ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ଏବଂ ଗ୍ରାଚ୍ୟୁଇଟି ବିଚାରାଧୀନ ରହିଛି। ଜିଲା କାର୍ଯ୍ୟାଳୟରେ ୫୪ ଅଭିଯୋଗ ବିଚାରାଧୀନ ରହିଛି। ତନ୍ମଧ୍ୟରୁ ମୃତ୍ୟୁ ଏବଂ ଅବସରକାଳୀନ ଗ୍ରାଚ୍ୟୁଇଟି ବାବଦ ବାକିଥିବା ୩୫ ଅଭିଯୋଗ ମଧ୍ୟରୁ ୧୧ଟିର ଶୁଣାଣି କରାଯାଇଥିଲା।

ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ନିର୍ଦ୍ଦେଶକଙ୍କ ସହିତ ପେନ୍‌ସନ ଅଦାଲତର ସମୀକ୍ଷା କରିଥିଲେ। ଜିଲାର ବିଭିନ୍ନ ବ୍ଲକର ଶିକ୍ଷକଙ୍କ ପେନ୍‌ସନ୍ ମାମଲା ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ଡେପୁଟି ଆକାଉଣ୍ଟାଣ୍ଟ (ପେନ୍‌ସନ) ନନ୍ଦଦୁଲାଲ ଦାଶ, ସହକାରୀ ହିସାବ ନିୟନ୍ତ୍ରକ ରଶ୍ମିତା ରାଉଳ, ବାଣିଜ୍ୟକର ଅଧିକାରୀ ଅମରେନ୍ଦ୍ର ପ୍ରସାଦ ମହାଲିକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ, ପେନ୍‌ସନ୍‌ଧାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ପେନ୍‌ସନ୍‌ଧାରୀଙ୍କ ଦାବି ସମ୍ପର୍କରେ ପାୱାରପଏଣ୍ଟ ଉପସ୍ଥାପନା କରାଯାଇଥିଲା।

## ■ପୌଷ ମହୋତ୍ସବରେ କମ୍ପୁଛି ଝାଡ଼ବନ୍ଧ

# କଳସ ଯାତ୍ରାରେ ୨୫୧ ମହିଳା



କଳସ ଯାତ୍ରାରେ ମହିଳାମାନେ ନଗର ପରିକ୍ରମା କରୁଛନ୍ତି।

ଓଡ଼ାପଡ଼ା, ୧୮।୧(ଡି.ଏନ.ଏ.)

ପୌଷ ମହୋତ୍ସବ ପାଇଁ ଚଳଚଞ୍ଚଳ ହୋଇଉଠିଛି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର ଝାଡ଼ବନ୍ଧ। ଶୁକ୍ରବାର ଏହାର ଆଦ୍ୟପର୍ବ କଳସ ଯାତ୍ରା ଭକ୍ତିମୟ ପରିବେଶରେ ଶେଷହୋଇଛି। ପ୍ରାତଃରେ ଯଥାନୀତି ପରେ ୨୫୧ ଜଣ ମହିଳା କଳସ ଯାତ୍ରାରେ ବାହାରିଥିଲେ। ଲିଙ୍ଗିରାବନ୍ଧ ଯୋରରୁ ଜଳକୁମ୍ଭ ଧରି ଶୋଭାଯାତ୍ରା ନିମବାହାଲି ଏବଂ ଝାଡ଼ବନ୍ଧ ଗ୍ରାମ ପରିକ୍ରମା କରି ମନ୍ଦିରକୁ ଫେରିଥିଲା। ଘଣ୍ଟଘଣ୍ଟା, ଖୋଳତାଳ ଓ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଗାଁ ଦାଣ୍ଡ। ଶନିବାର ଗୀତା ନାମଯଜ୍ଞ, ନାମସଂକୀର୍ତ୍ତନ, ପ୍ରସାଦସେବନ, ରବିବାର ବିଶ୍ୱଶାନ୍ତି ମହାଯଜ୍ଞ, ସୋମବାର ମା' କତମାଶୁଣୀଙ୍କ ପୂଜାର୍ଚ୍ଚନା, ଆଳମଯାତ୍ରା ଏବଂ ମଙ୍ଗଳବାର ଉଦ୍‌ଯାପନୀ ଯାତ୍ରା ଲାଗି ନୀତି ଚୂଡ଼ାନ୍ତ ହୋଇଛି। ଶନିବାରଠାରୁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜିତ ହେବ। ଏଥିରେ ଲବ୍ଧ ପ୍ରତିଷ୍ଠିତ କଳାକାରମାନେ ଯୋଗଦେବେ ବୋଲି ଆୟୋଜକ ଗ୍ରାମବାସୀ ସୂଚନା ଦେଇଛନ୍ତି।

# ସମ୍ମିଳିତ ପ୍ରୟାସ ହେଲେ ସ୍ୱାବଲମ୍ବୀ ହେବେ ଦିବ୍ୟାଙ୍ଗ



ଭାପୁର, ୧୮।୧(ଡି.ଏନ୍.ଏ.)

ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ହେଲେ ସବୁସ୍ତରରୁ ଉଦ୍ୟମ ଜରୁରୀ। ସରକାରୀ ଯୋଜନା ଠିକ୍ ସମୟରେ ପହଞ୍ଚି ପାରିଲେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଘଟିପିରିସ୍ଥିତ ଶଶିଭୂଷଣ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଆୟୋଜିତ ଅନ୍ତର୍ନିବେଶୀ ଶିକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି।

ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକ, ପ୍ରଧାନଶିକ୍ଷକଙ୍କୁ ନେଇ ଆୟୋଜିତ ଉକ୍ତ ଏକଦିବସୀୟ କାର୍ଯ୍ୟକ୍ରମରେ ଘଟିପିରି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନୀହାରବାଳା ତୁଙ୍ଗ, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ମମତା ଦେହୁରୀ, ବିମଳା ସାହୁ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ଲାଗି ରହିଥିବା ସରକାରୀ, ବେସରକାରୀ ସୁବିଧାସୁଯୋଗ, ସୁନେତ୍ର ଏବଂ ବାଲ୍‌ଜ୍ୟୋତି ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ୩୨ଜଣ ଅଭିଭାବକଙ୍କ ସମେତ ବିଭିନ୍ନ ସ୍କୁଲର ୨୫ଜଣ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଛବିଳ କୁମାର ମିଶ୍ର, ଶ୍ରୀକାନ୍ତ ସାମଲ, କିରଣ ପଣ୍ଡା, ପବିତ୍ର ମୋହନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ■ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

# ଭୋକରେ ଫେରୁଛନ୍ତି ଶିଶୁ

■ଦିଆଯାଉଛି ଫାଳେ ଅଣ୍ଡା

■ଠିକ୍ ଭାବେ ହେଉନି ରୋଷେଇ

■ତାଲାପକାଇ ପ୍ରତିବାଦ କଲେ ଅଭିଭାବକ

ପରଜଙ୍ଗ, ୧୮।୧(ଡି.ଏନ୍.ଏ.)

ଗର୍ଭବତୀ ଏବଂ ଶିଶୁ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ସରକାର। ସେମାନଙ୍କ ଗୁଣାତ୍ମକ, ବୌଦ୍ଧିକ ବିକାଶ ଲାଗି ପ୍ରଣୟନ କରାଯାଉଛି ଏକାଧିକ ଯୋଜନା। ହେଲେ ବିଭାଗୀୟ କର୍ମଚାରୀଙ୍କ ଅବହେଳାରୁ ଲକ୍ଷ୍ୟ ହାସଲ ହୋଇପାରୁନାହିଁ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ପରଜଙ୍ଗ ପଞ୍ଚାୟତ ଡିହଡ଼ୋଳ ଗ୍ରାମସ୍ଥିତ ୧ନଂ. ଅଙ୍ଗନୱାଡ଼ି କେନ୍ଦ୍ରରେ। ଦୀର୍ଘଦିନ ଧରି ଉକ୍ତ କେନ୍ଦ୍ରରେ ଅନିୟମିତତା ଅଭିଯୋଗ ହୋଇ ଆସୁଥିବାବେଳେ ଶୁକ୍ରବାର ଅସନ୍ତୋଷ ଜାହିର କରିଛନ୍ତି ଅଭିଭାବକ। ସେମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଠୁଙ୍କି ଏହାର ପ୍ରତିବାଦ କରିଛନ୍ତି। ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ତାଲା ଖୁଲିବ ବୋଲି ସେମାନେ ଚରମବାଣୀ ଶୁଣାଇଛନ୍ତି।



ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ପ୍ରତିବାଦ କରୁଛନ୍ତି ଶିଶୁଙ୍କ ଅଭିଭାବକ।

ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନଙ୍କୁ ଠିକ୍ ଭାବେ ପଢ଼ାଯାଉନାହିଁ। ନିର୍ଦ୍ଧାରିତ ସମୟରେ କେନ୍ଦ୍ର ଖୋଲାଯାଉନି। ମନଇଚ୍ଛା ରୋଷେଇ କରାଯାଉଛି। ନିୟମିତ ଅଣ୍ଡା ମିଳୁନି, ଯଦି କେବେ ଦିଆଯାଉଛି ତେବେ ଜଣକା ପିଛା ଫାଳେ। ପିଲାମାନେ ଭୋକରେ ଫେରୁଛନ୍ତି। ଅଙ୍ଗନୱାଡି କର୍ମୀଙ୍କ ନାମରେ ଦୀର୍ଘଦିନରୁ ଅନିୟମିତତା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏହାକୁ ଚାପି ଦିଆଯାଉଥିବା ସୁମିତ୍ରା ସାହୁ, ରମଣୀ ସାହୁ, ସନ୍ଧ୍ୟାରାଣୀ ସାହୁ, ଜୁଲି ସାହୁ ପ୍ରମୁଖ କହିଛନ୍ତି। ଶୁକ୍ରବାର ଶିଶୁଙ୍କୁ ଅଣ୍ଡା ଦେବା ପାଳି ଥିବାବେଳେ ଜମାରୁ ରୋଷେଇ ହୋଇ ନ ଥିଲା। ଏହାର ପ୍ରତିବାଦରେ ଅଭିଭାବକମାନେ ଉତ୍ତେଜିତ ହୋଇ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ନିୟମିତ ଭାବେ ସୁପରଭାଇଜରମାନେ କେନ୍ଦ୍ର ତଦାରଖ କରୁ ନ ଥିବାରୁ ଏଭଳି ଅନିୟମିତତା ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଅନ୍ୟପଟେ ଅଭିଯୋଗକୁ ସ୍ୱୀକାର କରିଛନ୍ତି ସହାୟିକା ଭଗବତୀ ସାହୁ। ସେ କହିଛନ୍ତି, ଶୁକ୍ରବାର ରୋଷେଇ ହୋଇ ନ ଥିଲା। ମଝିରେ ମଝିରେ ରୋଷେଇ ହୋଇଥାଏ। ତେଣୁ ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇ ତାଲା ପକାଇ ଦେଇଛନ୍ତି। ସେହିପରି ଅଙ୍ଗନୱାଡି କର୍ମୀ ମନୋରମା ସାହୁ ନିଜର ଦୋଷ ସ୍ୱୀକାର କରିବା ସହ ଏପରି ଭୁଲ ଆଗକୁ ହେବନାହିଁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି। ଏ ନେଇ ସିଡିପିଓ ଦାୟିତ୍ୱରେ ଥିବା ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ଅଭିଯୋଗ ନେଇ କର୍ମଚାରୀଙ୍କୁ କୈଫିୟତ ମଗାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ୧୯ ଜାନୁୟାରୀ /୨୦୧୯ Dhenkanal, Saturday January 19/ 2019

## ସଂକ୍ଷେପରେ

■ପବିତ୍ରନଗର କପ୍

### କଟକ ୟୁନିୟନ ସ୍ପୋର୍ଟିଂ ବିଜୟୀ

ପବିତ୍ରନଗର, ୧୮।୧(ଡି.ଏନ.ଏ.)- କଣିହାଁ ବ୍ଲକ ପବିତ୍ରନଗରଠାରେ ଚାଲିଥିବା ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଶେଷ ଲିଗ୍ ମ୍ୟାଚ ଝାରସୁଗୁଡାର ପ୍ରୋଗ୍ରେସିଭ ଆସୋସିଏଶନ ଓ କଟକର ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଝାରସୁଗୁଡା ଟିମ୍ ବ୍ୟାଟିଂ କରି ୧୩୩ ରନ୍ କରିଥିଲା। ଜବାବରେ କଟକ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ସୌରଭ କରୁଜିଆ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସବ୍ୟସାଚୀ ଶାହା, ସତ୍ୟନାରାୟଣ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ, ସୁବାସ ବେହେରା, ମାନସ ଦାସ ପ୍ରମୁଖ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପବିତ୍ରନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

■ 'କାଳିଆ'ରେ ସାମିଲ ହେବାକୁ ପଡ଼ିଛି ୨,୩୯,୪୯୦ ଫର୍ମ

# ଏତେ ସଂଖ୍ୟକ ଆବେଦନକୁ ନେଇ ଅଡୁଆ

ଅନୁଗୋଳ ଅଫିସ, ୧୮।୧

■ବଅଁରପାଳରେ ସଂଖ୍ୟା ସର୍ବାଧିକ

■୨୦ ରାତି ସୁଦ୍ଧା ସରିବ ଅନ୍‌ଲାଇନ୍ ଏଣ୍ଟ୍ରି

■କୃଷି ବିଭାଗ କରିଛି ୩ କାଟାଗୋରୀ

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ସାମିଲ ପାଇଁ ଅନୁଗୋଳ ଜିଲାରେ ୨ ଲକ୍ଷ ୩୯ ହଜାର ୪୯୦ ଜଣ ଚାଷୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ବଅଁରପାଳରୁ ସର୍ବାଧିକ ଆବେଦନକାରୀ ଅଛନ୍ତି। ଆସନ୍ତା ୨୦ ତାରିଖ ରାତି ସୁଦ୍ଧା ଅନ୍‌ଲାଇନ୍ ଏଣ୍ଟ୍ରି ଶେଷ ହେବ। ଯେଉଁ ଚାଷୀମାନେ ନିର୍ଭୁଲ ଭାବେ ସବୁଜ ଫର୍ମ ପୂରଣ କରିଛନ୍ତି ସେମାନଙ୍କୁ କାଟାଗୋରୀ-୧ରେ ରଖାଯାଇଛି। ସେହିଭଳି ଜମିହୀନ ଚାଷୀଙ୍କୁ କାଟାଗୋରୀ-୨ ଓ ଭୁଲ ଫର୍ମ ପକାଇଥିବା ସରକାରୀ ତଥା କରଦାତା ଆବେଦନକାରୀଙ୍କୁ କାଟାଗୋରୀ-୩ରେ ରଖାଯାଇଛି। ଏସବୁ ଯାଞ୍ଚ କରାଯିବା ପରେ କାଳିଆ ଯୋଜନାରେ ଉପଯୁକ୍ତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଜିଲା ଉପ କୃଷି ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି, କାଳିଆ ଯୋଜନା ଆବେଦନ ତାରିଖ ଜାନୁୟାରୀ ୧୫ ତାରିଖ ରଖାଯାଇଥିଲା। ଜିଲାରେ ଥିବା ଚାଷୀଙ୍କ ତୁଳନାରେ ଆବେଦନ ଫର୍ମ ଅଧିକ ଆସିଥିଲା। ୨୦୧୧ ଜନଗଣନା ମୁତାବକ ଅନୁଗୋଳ ଜିଲାରେ ଚାଷୀ ପରିବାର ସଂଖ୍ୟା ୧ ଲକ୍ଷ ୩୬ ହଜାର ୬୧୩ ଥିଲା। କିନ୍ତୁ କାଳିଆ ଯୋଜନା ପାଇଁ ୨ ଲକ୍ଷ ୩୯ ହଜାର ୪୯୦ ଜଣ ଆବେଦନ କରିଥିବାରୁ ଚାଷୀଙ୍କ ସଂଖ୍ୟା ଗତ ୮ ବର୍ଷ ମଧ୍ୟରେ ୧ ଲକ୍ଷ ୨ ହଜାର ୮୭୭ ବଢ଼ିଥିବା ଏହି ସରକାରୀ ତଥ୍ୟ କହୁଛି। ତେବେ ସରକାରଙ୍କ କାଳିଆ ଯୋଜନାରେ ଅର୍ନ୍ତଭୁକ୍ତ ହେବାକୁ ଗୋଟିଏ ପରିବାରରୁ ବାପା-ପୁଅ, ମା-ଝିଅ ଏବଂ ସ୍ତ୍ରୀ-ସ୍ୱାମୀ ଆବେଦନ କରିଥିବାରୁ ଯୋଜନାକୁ ନେଇ ଅଡୁଆ ବଢ଼ିଯାଇଛି। କୃଷି ବିଭାଗ କରିଥିବା ୩ଟି କାଟାଗୋରୀରେ କେଉଁ ଆଧାରରେ ଏ ସବୁ ଆବେଦନପତ୍ର ଯାଞ୍ଚ କରି ଯୋଗ୍ୟ, ଅଯୋଗ୍ୟଙ୍କୁ ଚୟନ କରାଯିବ ସେ ନେଇ ଅଡୁଆ ସୃଷ୍ଟି ହୋଇଛି। ଏତେସଂଖ୍ୟକ ଆବେଦନକାରୀଙ୍କ ମଧ୍ୟରୁ ଯାଞ୍ଚ ପରେ କେବଳ ଜିଲାର କ୍ଷୁଦ୍ର, ନାମମାତ୍ର, ଭୂମିହୀନ ଓ ଭାଗ ଚାଷୀ ତଥା କୃଷି ଶ୍ରମିକଙ୍କ ପରିବାର ଯୋଜନା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। କୃଷି ଅଧିକାରୀମାନେ ସ୍କ୍ରୁଟିନ କରୁଛନ୍ତି। ଜଣେ କୃଷକ, ତାଙ୍କ ସ୍ତ୍ରୀ ଓ ତାଙ୍କ ଉପରେ ନିର୍ଭରଶୀଳ ସନ୍ତାନଙ୍କୁ ଗୋଟିଏ କୃଷକ ପରିବାର ଭାବେ ଧରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ କାଳିଆ ସୁବିଧା ମିଳିବ। ଅନ୍ୟମାନଙ୍କ ଆବେଦନକୁ ଖାରଜ କରାଯିବ। ଏଥିସହ ସରକାରୀ କର୍ମଚାରୀ ଓ କରଦାତାଙ୍କ ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇ ତାଙ୍କୁ ଏହି ଯୋଜନାରୁ ବାଦ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଯେଉଁମାନଙ୍କ ସବୁଜ ଫର୍ମ ଆବେଦନ ଠିକ୍ ରହିଛି ସେମାନଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି ଜିଲା ଉପ କୃଷି ନିର୍ଦ୍ଦେଶକ ମହାପାତ୍ର ପ୍ରକାଶ କରିଛନ୍ତି।

# ସତ୍ୟସାଇ ସେବା ସଙ୍ଗଠନ ରାଜ୍ୟ ସମ୍ମିଳନୀ



ସମ୍ମିଳନୀ ଉଦ୍‌ଘାଟନୀ ଅବସରରେ ଜିଲାପାଳ, ସଙ୍ଗଠନ କର୍ମକର୍ତ୍ତା ଓ ଅନ୍ୟମାନେ।

ଅନୁଗୋଳ ଅଫିସ, ୧୮।୧

ଅନୁଗୋଳ ବିଜୁ ମଇଦାନ ଠାରେ ଶୁକ୍ରବାର ସତ୍ୟସାଇ ସେବା ସଙ୍ଗଠନର ୪୩ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଜିଲାପାଳ ଅନିଲ କୁମାର ସାମଲ ଓ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ର ପ୍ରଜ୍ଞା ପ୍ରଦର୍ଶନୀ ଏବଂ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ଭଗବାନ ସତ୍ୟସାଇଙ୍କ ବାର୍ତ୍ତା 'ସମସ୍ତଙ୍କୁ ଭଲପାଅ ଓ ସମସ୍ତଙ୍କ ସେବା କର' ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସତ୍ୟସାଇ ବାଳବିକାଶ ଛାତ୍ରୀଛାତ୍ରମାନେ ବେଦପାଠ ଓ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଦୁର୍ଗା ପ୍ରସନ୍ନ ରଥ, ଅରୁଣ ପଣ୍ଡା, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସଚ୍ଚିଦାନନ୍ଦ ନନ୍ଦ, ପି.ଜଗନ୍ନାଥ ରାଓ, ହରେକୃଷ୍ଣ ଦାଶ, ପ୍ରଭାତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ଦେବାଶିଷ ପ୍ରଧାନ, ଡା.ରତେନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ରୋଗୀସେବା କରିଥିଲେ। ୨୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

■ସବର୍ଣ୍ଣ-ଅସବର୍ଣ୍ଣ ଗୋଷ୍ଠୀ ସଂଘର୍ଷ ଘଟଣା

# ଶାନ୍ତି କମିଟି କରି ସ୍ଥାୟୀ ସମାଧାନ ଦାବି

ବନ୍ତଳା, ୧୮।୧ (ଡି.ଏନ.ଏ)

ଅନୁଗୋଳ ଥାନା ବାଲୁଅକଟା ପଞ୍ଚାୟତ ଶାବଳଭଙ୍ଗା ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀଙ୍କ ମଧ୍ୟରେ ଉପୁଜିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ଉଭୟ ପକ୍ଷର ଲୋକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ତେବେ ପୋଲିସ ଏପରି ଗିରଫଦାରୀ କରି କଥା ଆଗକୁ ନ ବଢାଇ ଘଟଣାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ଗଠନ ସହ ଆଲୋଚନା କରାଯାଇ ସମସ୍ୟାର ପ୍ରତିକାର କରାଯିବାକୁ ଚାହୁଁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଗ୍ରାମରେ ଏପରି ଅଶାନ୍ତ ପରିସ୍ଥିତି ଉପରେ ନଜର ରଖିବାକୁ ୨ ଦିନ ହେଲା ସେଠାରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ଅପରପକ୍ଷେ ଗୁରୁବାର ସବର୍ଣ୍ଣ ଗୋଷ୍ଠୀ ପକ୍ଷରୁ ଏକ ବୈଠକ ଡକାଯାଇ ସେମାନେ ଅସବର୍ଣ୍ଣଙ୍କ ସହ କୌଣସି ସମ୍ପର୍କ ନ ରଖିବାକୁ ନିଷ୍ପତ୍ତି ନେବା ପରେ ସ୍ଥିତି ଜଟିଳ ହୋଇଯାଇଛି। ଅସବର୍ଣ୍ଣ ଗୋଷ୍ଠୀ ଲୋକଙ୍କ ଜାଗାରେ ଅନେକ ସବର୍ଣ୍ଣ ବ୍ୟକ୍ତିମାନେ ବାର୍ଷିକ ଚୁକ୍ତି କରି ଘରଭଡ଼ା ଦେଇ ଦୋକାନ ଦେଇଥିବାବେଳେ ଏବେ ଉକ୍ତ ନିଷ୍ପତ୍ତି ଯୋଗୁ ଅସବର୍ଣ୍ଣମାନେ ଦୋକାନ ବନ୍ଦ କରାଇ ଦେଇଛନ୍ତି। ଫଳରେ ଗ୍ରାମରେ ଥିବା ୫୦ରୁ ଊର୍ଦ୍ଧ୍ୱ ଦୋକାନ ବନ୍ଦ ରହିବାରୁ ଲୋକେ ପଡୋଶୀ କୁମୁରିସିଂହା ଓ ଶରଧାପୁର ଗ୍ରାମରୁ ସାମଗ୍ରୀ କିଣୁଥିବା ଜଣାପଡିଛି। ସେହିପରି ପୋଲିସର ଗିରଫଦାରୀ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇପଡିଛି। ତେଣୁ ଏ ଦିଗରେ ଜିଲାପାଳ ଓ ଏସ୍‌ପି ହସ୍ତକ୍ଷେପ କରି ସମାଧାନ କରିବାକୁ ଦାବି ହୋଇଛି।

ଏ ବିଷୟରେ ଅନୁଗୋଳ ବିଡିଓ ମାୟାଧର ବେହେରା କୁହନ୍ତି, କମିଟି କରାଯାଇ ସମାଧାନ କରାଯିବା ଉତ୍ତମ ପଦକ୍ଷେପ। କୌଣସି ଅପ୍ରୀତିକର ପରିସ୍ଥିତିରେ ତହସିଲଦାର ହସ୍ତକ୍ଷେପ କରିପାରିବେ। ବୈଠକରେ ଆମେ ଯୋଗ ଦେଇପାରିବୁ। ଏ ସମ୍ପର୍କରେ ତହସିଲଦାର ବିଚିତ୍ରାନନ୍ଦ ନାୟକ କୁହନ୍ତି, ପୋଲିସ ଚାହିଁଲେ ସମାଧାନ ହୋଇପାରିବ। ଉଭୟ ପକ୍ଷରୁ ମାମଲା ରୁଜୁ ହୋଇସାରିଛି। ତେଣୁ ପୋଲିସ ଏ କ୍ଷେତ୍ରରେ ପଦକ୍ଷେପ ନେଇ ଆମକୁ ଜଣାଇଲେ ସମାଧାନ ପାଇଁ ପ୍ରସ୍ତୁତ ଅଛୁ। ଏ ବିଷୟରେ ପୋଲିସ ଏସ୍‌ଡିପିଓ ହରିହର ପାଣି କୁହନ୍ତି, ଉଭୟ ପକ୍ଷର ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସମାଧାନ ପରବର୍ତ୍ତୀ କଥା ବୋଲି ସେ କହିଛନ୍ତି।

# ଆଜି ଉଦ୍‌ଘାଟନ ହେବ ଦୁଇ କୋର୍ଟ

ଅନୁଗୋଳ ଅଫିସ, ୧୮।୧

ଅନୁଗୋଳ ଜିଲା କୋର୍ଟରେ ଭିଜିଲାନ୍ସ କୋର୍ଟ ଓ ଫ୍ୟାମିଲି କୋର୍ଟ ଉଦ୍‌ଘାଟନ ଉତ୍ସବ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହେବ। ଏଥିସହ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚନ କରାଯିବ। ଓଡ଼ିଶା ହାଇକୋର୍ଟର ବିଚାରପତି ବିଶ୍ୱନାଥ ରଥ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଗୋଳ କୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦୁଇ କୋର୍ଟର ଉଦ୍‌ଘାଟନ ପରେ ଅନୁଗୋଳ କୋର୍ଟକୁ ସମ୍ପୂର୍ଣ୍ଣ ଜିଲା କୋର୍ଟର ମାନ୍ୟତା ମିଳିବ। ଫଳରେ ଜିଲାବାସୀ ସମ୍ମୁଖୀନ ହେଉଥିବା ସମସ୍ୟାର ଅନ୍ତଘଟିବ।

## କୁମୁଣ୍ଡା, କସମୁଣ୍ଡା ବିଜୟୀ

ଛେଣ୍ଡିପଦା,୧୮।୧(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ କୋରଡା ବାପୁଜୀ କ୍ରିକେଟ କ୍ଲବ ପକ୍ଷରୁ ଶୁକ୍ରବାର ଆଶିଷ ଦିଲୀପ ଏବଂ ଦୀପକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ତଥା କ୍ଲବ ସଭାପତି ଅନିଲ ବିହାରୀ ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉଦଘାଟନୀ ମ୍ୟାଚ କୁମୁଣ୍ଡା ଓ ଜରଡା ପିସିସି ମଧ୍ୟରେ ଖେଳାଯାଇଥିଲା। କୁମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୧୧୦ ରନ କରିଥିଲା। ଜବାବରେ ପିସିସି ଜରଡା ୭୩ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପାଇକସାହି ଓ କସମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପାଇକସାହି ୬୩ ରନ କରିଥିଲା। ଜବାବରେ କସମୁଣ୍ଡା ୬୪ ରନ କରି ବିଜୟୀ ହୋଇଥିଲା। ଆଲୋକ ପ୍ରଧାନ, ପରମାନନ୍ଦ ବେହେରା, ବିଦ୍ୟାଧର ସାହୁ, ଆଲୋକ ବାରିକ, ଫକୀର ସାହୁ, ଧ୍ରୁବ ଚରଣ ସାହୁ, ସୁଶୀଲ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପିସିସି ଉପସଭାପତି ସସ୍ମିତା ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଦିଲୀପ କୁମାର ପ୍ରଧାନ, ମାନସ ରଞ୍ଜନ ପ୍ରଧାନ, ସୁରଥ କୁମାର ସାହୁ, ଲମ୍ବୋଦର ସାହୁ, ଗୋବର୍ଦ୍ଧନ ସାହୁ, କୃତାର୍ଥ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।

## ଚୋରା କୋଇଲା ଗାଡ଼ି ଜବତ, ୨ ଗିରଫ

ଅନୁଗୋଳ ଅଫିସ, ୧୮।୧

ଅନୁଗୋଳ ପୋଲିସ ଶୁକ୍ରବାର ଚୋରା କୋଇଲା ଭର୍ତ୍ତି ହୋଇଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ (ଓଡ଼ି-୧୯-ଏନ୍-୩୨୫୨) ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଡ୍ରାଇଭର କଟକ ଜିଲା ବଡ଼ମ୍ବା ଥାନା କାଞ୍ଜିଆପାଳ ଗ୍ରାମର ମୁନା ଖାଁ ଏବଂ ହେଲପର କଟକ ନରସିଂହପୁର ଚତରପତା ଅଞ୍ଚଳର ବିଜୟ ନାୟକ। ଏ ନେଇ ନଂ. ୪୭/୧୯ରେ ମାମଲା ରୁଜୁ ହୋଇଛି। ଭ୍ୟାନଟି ଏଫ୍‌ସିଆଇ ଅଞ୍ଚଳରୁ କୋଇଲା ଧରି କଟକ ଯାଉଥିବା ପୋଲିସ ଖବର ପାଇଥିଲା। ଏସ୍‌ଆଇ ଜୟ ଚନ୍ଦ୍ର ସାହୁ, ଏସ୍‌ଆଇ ସୁଶାନ୍ତ କୁମାର ଦାସଙ୍କ ସହ ବିବି ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

# ଓକିଲ ସଂଘର ଜରୁରୀ ବୈଠକ

ତାଳଚେର,୧୮।୧(ନି.ପ୍ର.)



ବୈଠକରେ ଓକିଲ ସଂଘର ସଦସ୍ୟମାନେ।

ତାଳଚେର ଓକିଲ ସଂଘର ଏକ ଜରୁରୀ ବୈଠକ ଶୁକ୍ରବାର ମଧୁବାବୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୟା ସାଗର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଦୀର୍ଘଦିନ ବ୍ୟବଧାନ ପରେ ତାଳଚେର-ପାଲଲହଡାକୁ ମିଶାଇ ନୂତନ ଜିଲା ଗଠନ ପାଇଁ ସଂଘ ଦାବି କରିଛି। ଏଥିସହ ମେଡିକାଲ କଲେଜର ଯଥାଶୀଘ୍ର ଉଦ୍‌ଘାଟନ, ତାଳଚେର ମୂଳ ଷ୍ଟେଶନରୁ ଅନୁଗୋଳ ଷ୍ଟେଶନକୁ ଓ ମେନ୍ ରେଲ୍‌ୱେ ଲାଇନ୍‌କୁ ସଂଯୋଗ ପଥ ନିର୍ମାଣ, ବିଭିନ୍ନ ଜଳ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଯଦୁମଣି ସାହୁ, ସୁରେଶ୍ୱର ମିଶ୍ର, ଅକ୍ଷୟ କୁମାର ପାଣି, ହରେକୃଷ୍ଣ ପାତ୍ର, ଉଚ୍ଛନ ଚନ୍ଦ୍ର ପଟ୍ଟନାୟକ, ଛବି କୁମାର ସାହୁ, ପେସ୍କାର ଗଡନାୟକ, ଅଜୟ କୁମାର ମିଶ୍ର, ରଞ୍ଜିତ ଘୋଷ, କେଶବ ଭୂତିଆ, ମାନସ କୁମାର ବାଇ, ଅନୁପ କୁମାର ସେନ୍‌ଗୁପ୍ତା, ଚିତ୍ତରଞ୍ଜନ ରାଉତ, ପ୍ରଭାତିନୀ ଆଚାର୍ଯ୍ୟ, ଅଖିଳ କୁମାର ସାମଲ, ଜନ୍ମେଶ୍ୱର ପଟ୍ଟନାୟକ, ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଏକ ସର୍ବଦଳୀୟ ବୈଠକ ଡକାଇ କାର୍ଯ୍ୟପନ୍ଥା ଯଥାଶୀଘ୍ର ଗ୍ରହଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଉପସଭାପତି ଶୈଳେନ୍ଦ୍ର ସିଂ ଧନ୍ୟବାଦ ପ୍ରଦାନ କରିଥିଲେ।




# ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ମାଓବାଦୀ



ପାଲଲହଡ଼ା, ୧୮।୧(ଡି.ଏନ.ଏ.)

ମାଓବାଦୀମାନେ ବନ୍ଧୁକ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶୁକ୍ରବାର ପାଲଲହଡ଼ା ବ୍ଲକର ମାଓ ଅଞ୍ଚଳର ଭାବେ ପରିଚିତ ନଗିରା ପଞ୍ଚାୟତ ସିବିଡ଼ା ଗ୍ରାମ ଶିକ୍ଷାନିକେତନ ଠାରେ ଅନୁଷ୍ଠିତ ମାଓ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଜିଲା ପୋଲିସ ଏବଂ ପାଲଲହଡ଼ା ପୋଲିସ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୪ଟି ପଞ୍ଚାୟତର ୫ ଶହରୁ ଊର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ମହିଳା ପୁରୁଷ ଯୋଗ ଦେଇଥିଲେ। ପାଲଲହଡ଼ା ଡିଏସ୍‌ପି ରିତେଶ କୁମାର ମହାପାତ୍ର ମାଓ ସଙ୍ଗଠନଠାରୁ ନିଜକୁ ଦୂରେଇ ରଖି ସରକାରୀ ଯୋଜନାର ଲାଭ ଉଠାଇବା ସହ ପୋଲିସକୁ ସହଯୋଗ କରିବାକୁ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଲଲହଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଏଏସଆଇ ରଷିନ୍ଦ୍ର ପ୍ରଧାନ, ଏସଆଇ ସୁନୁତା ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ଆଦିବାସୀମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ସହ ଖେଳକୁଦର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଦିବାସୀମାନଙ୍କୁ ଜିଲା ପୋଲିସ ପକ୍ଷରୁ କମ୍ବଳ, ସୋଲାର ଲାଇଟ, ଖେଳକୁଦ ସାମଗ୍ରୀ ଆଦି ବଣ୍ଟନ କରାଯାଇଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ